# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 20th October – 2025

**********************************

## ମୁଖ୍ୟ ସମ୍ବାଦ

- ସୁରକ୍ଷା ବାହିନୀର ସାହସ ଓ ଦୃଢ଼ ନିଷ୍ପତ୍ତି ଯୋଗୁଁ ଦେଶରୁ ମାଓବାଦ କାର୍ଯ୍ୟକଳାପ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି; କହିଲେ ପ୍ରଧାନମନ୍ତ୍ରୀ ।

- ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ଶେଷ ହେଲା ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ।

— ତିନୋଟି ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀଙ୍କୁ ମିଶାଇ ୧୭ ଜଣ ଦାଖଲ କରିଛନ୍ତି ପ୍ରାର୍ଥୀପତ୍ର ।

- ଯୁଗ୍ମ ପ୍ରବେଶିକା ପରୀକ୍ଷା-୨୦୨୬ କାର୍ଯ୍ୟସୂଚୀ ଘୋଷଣା କଲା ଏନ୍.ଟି.ଏ. ।

ଏବଂ

- ଆସନ୍ତା ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷାର ସମ୍ଭାବନା ।

*Desk*

# ପ୍ରଧାନମନ୍ତ୍ରୀ - ଗୋଆ

ଆଇ.ଏନ୍.ଏସ୍. ବିକ୍ରାନ୍ତ ହେଉଛି ଆତ୍ମନିର୍ଭର ଏବଂ ମେଡ୍ ଇନ୍ ଇଣ୍ଡିଆର ଏକ ଉତ୍କୃଷ୍ଟ ଉଦାହରଣ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଗୋଆ ଏବଂ କରଓ୍ୱାର ଉପକୂଳରେ ଆଇଏନ୍ଏସ୍ ବିକ୍ରାନ୍ତରେ ନୌସେନା କର୍ମଚାରୀଙ୍କ ସହିତ ଆଜି ଦୀପାବଳି ପାଳନ ଅବସରରେ ପ୍ରଧାନମନ୍ତ୍ରୀ' ଦେଶକୁ ସର୍ବବୃହତ୍ ପ୍ରତିରକ୍ଷା ରପ୍ତାନୀ କ୍ଷେତ୍ର ଭାବେ ବିଶ୍ୱରେ ପ୍ରତିଷ୍ଠିତ କରିବାର ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇଛନ୍ତି । ତିନି ପ୍ରତିରକ୍ଷା ବାହିନୀର ସମନ୍ୱୟ ଯୋଗୁଁ ଅପରେସନ ସିନ୍ଦୂର ସମୟରେ ପାକିସ୍ତାନ ଆତ୍ମସମର୍ପଣ କରିବାକୁ ବାଧ୍ୟ ହୋଇଥିଲା । ଶ୍ରୀ ମୋଦି କହିଛନ୍ତି, ସରକାର ପ୍ରତ୍ୟେକ ଆହ୍ୱାନର ମୁକାବିଲା ତଥା ସ୍ଥିରତା ବଜାୟ ରଖିବାକୁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ।

ନୌସେନା କର୍ମଚାରୀଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ସେମାନଙ୍କ ସହିତ ଦୀପାବଳି ପାଳନ କରିବା ଏକ ଗର୍ବର ମୁହୂର୍ତ୍ତ । ସମୁଦ୍ର ଜଳରେ ସୂର୍ଯ୍ୟକିରଣର ଆଲୋକ ସାହସୀ ସୈନିକଙ୍କ ଦ୍ୱାରା ଜଳୁଥିବା ଦୀପାବଳିର ଦୀପ ସଦୃଶ ବୋଲି ପ୍ରଧାନମନ୍ତ୍ରୀ ବର୍ଣ୍ଣନା କରିଛନ୍ତି ।

ସୁରକ୍ଷା ବାହିନୀର ସାହସ ଏବଂ ଦୃଢ଼ ନିଷ୍ପତ୍ତି ଯୋଗୁଁ ଦେଶରୁ ମାଓବାଦ ଓ ଆତଙ୍କବାଦକୁ ହ୍ରାସ କରିବାରେ ଉଲ୍ଲେଖନୀୟ ସଫଳତା ମିଳିଛି ବୋଲି ପ୍ରଧାନମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

***Desk, Nuapada/R***

## ଉପନିର୍ବାଚନ - ନାମାଙ୍କନ

ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ଆଜି ନାମାଙ୍କନପତ୍ର ଦାଖଲ ଶେଷ ହୋଇଛି । ମୋଟ୍ ୧୭ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ବି.ଜେ.ପି.ରୁ ଜୟ ଢୋଲକିଆ ନାମାଙ୍କନ ପତ୍ର ଦାଖଲ କରିଥିବାବେଳେ ବି.ଜେ.ଡି.ରୁ ସ୍ନେହାଙ୍ଗିନୀ ଛୁରିଆ ଓ କଂଗ୍ରେସରୁ ଘାସିରାମ ମାଝୀ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ।

ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ପୂର୍ବରୁ ପ୍ରାର୍ଥିପତ୍ର ଦାଖଲ କରିଥିଲେ ମଧ୍ୟ ଆଜି ସେ ଅତିରିକ୍ତ ଦୁଇ ସେଟ୍ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସମାଜବାଦୀ ପାର୍ଟିରୁ ରମାକାନ୍ତ ହାତୀ, ବହୁଜନ ମୁକ୍ତି ପାର୍ଟିରୁ ହେମନ୍ତ ତାଣ୍ଡି, ବହୁଜନ ସମାଜପାର୍ଟିରୁ ରାଜାରାମ ସାହୁଙ୍କ ସମେତ ୧୧ ଜଣ ସ୍ୱାଧୀନ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଇତିମଧ୍ୟରେ ନିର୍ବାଚନ କମିଶନ୍‌ଙ୍କ ପକ୍ଷରୁ ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ ସାଧାରଣ ଓ ପୁଲିସ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରାଯାଇଛି । ନିର୍ବାଚନ ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ କମିଶନ ପର୍ଯ୍ୟବେକ୍ଷକମାନଙ୍କୁ

ନିର୍ଦ୍ଦେଶ ଦେଇଛନ୍ତି । ମତଦାତାଙ୍କ ସୁବିଧାପାଇଁ ଗ୍ରହଣ କରାଯାଇଥିବା ବ୍ୟବସ୍ଥାଗୁଡ଼ିକର ସଠିକ୍ କାର୍ଯ୍ୟକାରିତାର ପ୍ରସ୍ତୁତି ନେଇ ପର୍ଯ୍ୟବେକ୍ଷକମାନେ ମତଦାନ କେନ୍ଦ୍ର ପରିଦର୍ଶନ କରିବାକୁ କୁହାଯାଇଛି । ଏଥିସହ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ମଧ୍ୟ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ପାଇଁ ଷ୍ଟାର ପ୍ରଚାରକଙ୍କ ତାଲିକା ପ୍ରକାଶ ପାଇସାରିଛି ।

ଆସନ୍ତା ୨୨ ତାରିଖ ଦିନ ପ୍ରାର୍ଥିପତ୍ର ଯାଞ୍ଚ କରାଯିବା ସହ ୨୪ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷଦିନ ରହିଛି । ନଭେମ୍ବର ମାସ ୧୧ ତାରିଖରେ ଭୋଟ୍ ଗ୍ରହଣ କରାଯାଇ ୧୪ ତାରିଖରେ ଭୋଟ୍ ଗଣତି ସହ ଫଳାଫଳ ପ୍ରକାଶ ପାଇବ ।

***Desk, Sambalpur, Malkangiri/R***

## ଦୀପାବଳି

ଆଲୋକର ପର୍ବ ଦୀପାବଳି ଆଜି ପାଳନ କରାଯାଉଛି । ପରିବେଶ ଅନୁକୂଳ ଦୀପାବଳି ପାଳନ ପାଇଁ ସବୁଜ ବାଣ ଫୁଟାଇବାକୁ ଅନୁମତି ଦିଆଯାଇଛି । ତେବେ ତୀବ୍ର ଶବ୍ଦଯୁକ୍ତ ବାଣ ବ୍ୟବହାର ଉପରେ କଟକଣା ଜାରି କରାଯାଇଛି । ବାଣରୁ ସୃଷ୍ଟି ଶବ୍ଦ ୧୨୫ ଡେସିବଲ୍ ମଧ୍ୟରେ ରହିବା ଆବଶ୍ୟକ ।  ସନ୍ଧ୍ୟା ୭ଟାରୁ୯ଟା ପର୍ଯ୍ୟନ୍ତ ବାଣ ଫୁଟାଇବା ନେଇ ପ୍ରଶାସନ ପକ୍ଷରୁ ସମୟସୀମା ଧାର୍ଯ୍ୟ କରାଯାଇଛି । ବାଣ ଫୁଟାଇବାବେଳେ ଅଘଟଣ ଆଶଙ୍କା ରହିଥିବାରୁ ଏଥିପ୍ରତି ସତର୍କ ଓ ଯତ୍ନବାନ ରହିବାକୁ ପରାମର୍ଶ

ଦିଆଯାଇଛି । ହସ୍ପିଟାଲ୍, ଶିକ୍ଷାନୁଷ୍ଠାନ, ମନ୍ଦିର, କୋର୍ଟ ନିକଟରେ ବାଣ ନ ଫୁଟାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ଚାଳଘର, ଦୋକାନ, ଅଗ୍ନିପ୍ରବଣ ସ୍ଥାନ, ବ୍ୟସ୍ତବହୁଳ ଯାତାୟତ ସ୍ଥାନରେ ବାଣ ଫୁଟାଇବାକୁ ବାରଣ କରାଯାଇଛି । ବାଣ ଫୁଟାଇବା ସମୟରେ ସୁରକ୍ଷା ପ୍ରତି ଯଥେଷ୍ଟ ଧ୍ୟାନ ଦେଇ ସୂତା କପଡ଼ା ପରିଧାନ କରିବା ଓ ନିକଟରେ ପାଣି ବାଲ୍‌ଟି ରଖିବା ଭଳି ଏକାଧିକ ପରାମର୍ଶ ଦିଆଯାଇଛି । ଅଫୁଟା ବାଣ ନିକଟକୁ ଯାଇ ପୁଣି ଥରେ ଜଳେଇବାକୁ ଚେଷ୍ଟା ନ କରିବାକୁ ପ୍ରଦୂଷଣ ବୋର୍ଡ଼ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମସ୍ତଙ୍କୁ ଦୀପାବଳିର ଶୁଭେଚ୍ଛା ଜଣାଇବା ସହ ସୁଖ ଓ ସମୃଦ୍ଧିର କାମନା କରିଛନ୍ତି।

ଦୀପାବଳି ଅବସରରେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା’ ସମଲେଇଙ୍କ ପୀଠରେ ୧୧ ହଜାର ଦୀପ ପ୍ରଜ୍ୱଳନ କରାଯାଇଛି ।

ମାଲକାନଗିରି ଜିଲ୍ଲା ସଦର ମହକୁମା ସମେତ ଗ୍ରାମାଞ୍ଚଳର ବିଭିନ୍ନ ପୂଜାମଣ୍ଡପରେ ମା’ କାଳୀଙ୍କ ପୂଜାର୍ଚ୍ଚନା ଚାଲିଛି ।

*Desk, Bhadrak, Sonepur, Nayagarh/R*

## କାଳୀପୂଜା

ରାଜ୍ୟର ବିଭିନ୍ନ ସ୍ଥାନରେ କାଳୀପୂଜା ପାଳନ କରାଯାଉଛି । ଦେବୀପୀଠ ଏବଂ ପୂଜାମଣ୍ଡପଗୁଡ଼ିକ ମା’ କାଳୀଙ୍କ ପୂଜାର୍ଚ୍ଚନା ପାଇଁ ଉତ୍ସବମୁଖର ହୋଇଉଠିଛି। କଟକ ସହରର ବିଭିନ୍ନ ପୂଜା ମଣ୍ଡପରେ ମା’ କାଳୀଙ୍କର ପୂଜାର୍ଚ୍ଚନା ଆରମ୍ଭ ହୋଇଛି । କାଳୀପୂଜା ଓ ଦୀପାବଳିକୁ ଶୃଙ୍ଖଳିତ କରିବାପାଇଁ ସହରରେ ୫୦ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ କରାଯାଇଛି । ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥାକୁ ପରିଚାଳନା କରିବାକୁ ୩୬ଟି ପୁଲିସ୍ ସହାୟତା କେନ୍ଦ୍ର ଗଠନ କରାଯାଇଛି । ସହାୟତା କେନ୍ଦ୍ରଗୁଡ଼ିକୁ ଦୁଇଟି ସେକ୍ଟର ଓ ୬ଟି ଜୋନ୍‌ରେ ବିଭକ୍ତ କରାଯାଇଛି । ସହରରେ ଅପରାଧକୁ ନିୟନ୍ତ୍ରଣ କରିବାପାଇଁ ପୁଲିସ୍ ପକ୍ଷରୁ ବିଭିନ୍ନ ରାସ୍ତାରେ ତନଖି କାର୍ଯ୍ୟକୁ ଜୋରଦାର କରାଯାଇଛି ।

ଭଦ୍ରକ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା’ ଭଦ୍ରକାଳୀଙ୍କ ପୀଠରେ ଆଜିଠାରୁ ୭ ଦିନ ପର୍ଯ୍ୟନ୍ତ ସ୍ୱତନ୍ତ୍ର ପୂଜା ଆରମ୍ଭ ହୋଇଛି । ଘଟସ୍ଥାପନ, ମଙ୍ଗଳ ଆଳତି ନୀତିକାନ୍ତି ସମ୍ପନ୍ନ ହେବା ସହ ମା’ ଭଦ୍ରକାଳୀ ଆଜି ଦେବମାତା ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି । ଜିଲ୍ଲାର ଚରମ୍ପା, ଚାନ୍ଦବାଲି, ଆରଡ଼ି ଆଦି ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଅନୁଷ୍ଠିତ ହେଉଛି । ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ବି.ଜେ.ପି. ସଭାପତି ମନମୋହନ ସାମଲ୍ ପ୍ରମୁଖ ମା’ ଭଦ୍ରକାଳୀଙ୍କୁ ଦର୍ଶନ କରିଛନ୍ତି ।

ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ମା’ କାଳୀଙ୍କ ପୂଜା ଆରମ୍ଭ ଆରମ୍ଭ ହୋଇଛି । ଆଜି ପୂର୍ବାହ୍ନରେ ମହାନଦୀ ଓ ତେଲ୍ ନଦୀର ସଙ୍ଗମ ସ୍ଥଳୀ

ସ୍ୱର୍ଣ୍ଣପ୍ରୟାଗ ଘାଟ ସହ ବିନିକା ପାପକ୍ଷୟ ଘାଟରେ ଲୋକମାନେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପୟାଶ୍ରାଦ୍ଧ କରିଛନ୍ତି ।

ନୟାଗଡ଼ ସହର ଓ ଗ୍ରାମାଞ୍ଚଳରେ ଭକ୍ତି ଓ ନିଷ୍ଠା ସହ ମା’ ଶ୍ୟାମାକାଳୀଙ୍କ ପୂଜାର୍ଚ୍ଚନା ଚାଲିଛି । ଜିଲ୍ଲାର ୨୩ଟି ମଣ୍ଡପରେ ମୃଣ୍ମୟୀ ଦେବୀଙ୍କ ପୂଜାର୍ଚ୍ଚନା କରାଯାଉଛି । ଏହି ଅବସରରେ ଲୋକମାନେ ନିଜ ନିଜ ଘରେ ଦୀପ ଜାଳି ପାରମ୍ପରିକ ପର୍ବ ପାଳନ କରୁଛନ୍ତି ।

***Desk***

## ଜେ.ଇ.ଇ. ପରୀକ୍ଷା

ଜାତୀୟ ପରୀକ୍ଷଣ ସଂସ୍ଥା - ଏନ୍.ଟି.ଏ. ପକ୍ଷରୁ ଯୁଗ୍ମ ପ୍ରବେଶିକା ପରୀକ୍ଷା - ଜେ.ଇ.ଇ-୨୦୨୬ର କାର୍ଯ୍ୟସୂଚୀ ଘୋଷଣା କରାଯାଇଛି । ସେସନ-ୱାନ୍ ପରୀକ୍ଷା ଆସନ୍ତାବର୍ଷ ଜାନୁୟାରୀ ମାସ ୨୧ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଅନ୍ୟପକ୍ଷରେ ସେସନ-ଟୁ ଆସନ୍ତାବର୍ଷ ଏପ୍ରିଲ୍ ୧ ତାରିଖରୁ ଆରମ୍ଭ ହୋଇ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଜାନୁୟାରୀ ମାସରେ ହେବାକୁ ଥିବା ପରୀକ୍ଷା ପାଇଁ ଚଳିତ ମାସରେ ପଞ୍ଜୀକରଣ କରିବାକୁ ପଡ଼ିବ । jeemain.nta.nic.in ୱେବ୍‌ସାଇଟ ମାଧ୍ୟମରେ ପରୀକ୍ଷାର୍ଥୀମାନେ ପଞ୍ଜୀକରଣ କରିପାରିବେ । ସେସନ୍-ଟୁ ପରୀକ୍ଷା ପାଇଁ ଜାନୁୟାରୀ ଶେଷ ସପ୍ତାହରେ ପଞ୍ଜୀକରଣ ଆରମ୍ଭ ହେବ ।

*HS*

## ପୁଲିସ ସହିଦ ସ୍ମୃତି ଦିବସ

କଟକସ୍ଥିତି ରାଜ୍ୟ ପୁଲିସ୍ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଆସନ୍ତାକାଲି ପୂର୍ବାହ୍ନରେ ୬୬ତମ ପୁଲିସ୍ ସହିଦ ସ୍ମୃତି ଦିବସ ପାଳିତ ହେବ । ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ସମେତ ବରିଷ୍ଠ ପୁଲିସ୍ ଅଧିକାରୀମାନେ ଉପସ୍ଥିତ ରହି ଅମର ସହିଦ ଯବାନମାନଙ୍କୁ ସମ୍ମାନ ପ୍ରଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି ।

*Desk*

## ବିଶ୍ୱ ପରିସଂଖ୍ୟାନ ଦିବସ

ସାମାଜିକ ତଥା ଅର୍ଥନୈତିକ ବିକାଶପାଇଁ ମାର୍ଗ ଉନ୍ମୁକ୍ତ କରିବା ଲକ୍ଷ୍ୟ ନେଇ ଆଜି ବିଶ୍ୱ ପରିସଂଖ୍ୟାନ ଦିବସ ପାଳନ କରାଯାଉଛି । ପ୍ରତି ୫ ବର୍ଷରେ ଥରେ ପାଳନ କରାଯାଉଥିବା ଏହି ଦିବସ ୨୦୧୦ ମସିହା ଅକ୍ଟୋବର ୨୦ ତାରିଖରେ ପ୍ରଥମେ ପାଳନ କରାଯାଇଥିଲା । ଜାତିସଂଘ ପରିସଂଖ୍ୟାନ ଆୟୋଗଙ୍କ ମାର୍ଗଦର୍ଶନରେ ଏହି ଦିବସ ପାଳନ କରାଯାଇଥାଏ ।

*Desk*

# ଅଷ୍ଟିଓପୋରୋସିସ୍ ଦିବସ

ବିଶ୍ୱ ଅଷ୍ଟିଓପୋରୋସିସ୍ ବା ଅସ୍ଥିକ୍ଷୟ ରୋଗ ନିରାକରଣ ଦିବସ ଆଜି ପାଳନ କରାଯାଉଛି । ଏହି ରୋଗ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ପାଇଁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅନେକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଅଷ୍ଟିଓ ଅର୍ଥ ହାଡ ଓ ପୋରୋସିସ୍‌ର ଅର୍ଥ ଛିଦ୍ରଯୁକ୍ତ । ଯେଉଁ ରୋଗୀଙ୍କର ହାଡ଼ ଛିଦ୍ରଯୁକ୍ତ ହୋଇଥାଏ, ସାଧାରଣତଃ ଡାକ୍ତରମାନେ ଏହି ରୋଗକୁ ଅଷ୍ଟିଓପୋରୋସିସ୍ ବୋଲି କହିଥାନ୍ତି । ବିଶେଷଭାବରେ ବୟସ ବୃଦ୍ଧି ପାଇଲେ ଏବଂ ବଂଶଗତ ପ୍ରଭାବ ରହିଥିଲେ ଅଷ୍ଟିଓପୋରୋସିସ୍ ଲକ୍ଷଣ ଦେଖାଦେଇଥାଏ । ଏହି ରୋଗରେ ପୀଡ଼ିତ ବ୍ୟକ୍ତିଙ୍କ ହାଡ଼ ଦୁର୍ବଳ ଏବଂ ଶକ୍ତିହୀନ ହୋଇଥାଏ ।

ଅଷ୍ଟିଓପୋରୋସିସ୍ ପୀଡିତ ଜଣେ ବ୍ୟକ୍ତିଠାରେ ଅଣ୍ଟାବ୍ୟଥା ଏବଂ ମେରୁ ହାଡ଼ର କ୍ଷୟ ଆଦି ଲକ୍ଷଣ ଦେଖାଯାଏ । ରୋଗରୁ ରକ୍ଷା ପାଇବା ପାଇଁ ଜଣେ ବ୍ୟକ୍ତି କ୍ଷୀର, ଦହି, ଛେନା ଆଦି କ୍ୟାଲସିୟମ୍‌ଯୁକ୍ତ  ଖାଦ୍ୟ ଖାଇବା ସହିତ ଶରୀରର ଓଜନକୁ ସନ୍ତୁଳିତ ରଖିବା ନିହାତି ଆବଶ୍ୟକ ବୋଲି ବିଶେଷଜ୍ଞମାନେ ମତ ଦେଇଥାନ୍ତି । ଦୈନନ୍ଦିନ ଜୀବନରେ ବ୍ୟାୟାମ ଏବଂ ପୁଷ୍ଟିକର ଖାଦ୍ୟ ଗ୍ରହଣ ଦ୍ୱାରା ହାଡ଼ ସୁଦୃଢ଼ ହେବା ସହ ଅସ୍ଥିକ୍ଷୟ ଜନିତ

ସମସ୍ୟାର ମୁକାବିଲା କରାଯାଇ ପାରିବ ବୋଲି ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି ।

***Met. O.***

## ପାଣିପାଗ

ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତାକାଲି ସୁଦ୍ଧା ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ଲାଗି ରହିଛି। ଅଧିକ ଘନୀଭୂତ ହୋଇ ଏହା ଆସନ୍ତା ୨୩ ତାରିଖ ସୁଦ୍ଧା ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି। ଆସନ୍ତା ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ମଧ୍ୟମରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୨୦ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଏ ସମ୍ପର୍କରେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି :

***Voice :.........***

******